# Akashvani, Sambalpur

# SAMBALPURI NEWS BULLETIN

## 11 December 2024- 6.47- 6.52 am.

**********************************************

ରାଷ୍ଟ୍ରପତି-ପଂଚାୟତ୍‌ରାଜ ପୁରସ୍କାର୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀ ବିଜ୍ଞାନ୍ ଭବନ୍ ଠାନେ ଆଏଜ୍ ଜାତୀୟ ପଂଚାୟତ୍ ପୁରସ୍କାର୍-୨୦୨୪ ଦେବେ । ଭିନ୍ ଭିନ୍ ବର୍ଗଥି ସଫଳତାର୍ ଲାଗି  ୪୫ ଟା ଇ ସମ୍ମାନ୍ ଦିଆଯିବା । ସେଥିର୍ ଭିତ୍‌ରେ ଓଡ଼ିଶାକେ ଭିନ୍ ଭିନ୍ ଶ୍ରେଣୀଥି ୭ ଟା ପୁରସ୍କାର୍ ମିଲ୍‌ବା ।

ଇଥି ଓଡ଼ିଶାର୍ ଗଞ୍ଜାମ୍ ଜିଲ୍ଲା ଛତ୍ରପୁର୍‌କେ ଶ୍ରେଷ୍ଠ ପଂଚାୟତ୍ ଆର୍ କୋରାପୁଟ୍ ଜିଲ୍ଲାକେ ୨ ନମ୍ବର୍ ସର୍ବଶ୍ରେଷ୍ଠ ଜିଲ୍ଲା ପଂଚାୟତ୍ ଭାବେ ନାନାଜୀ ଦେଶ୍‌ମୁଖ ସର୍ବୋତମ୍ ପଂଚାୟତ୍ ଶତତ ବିକାଶ୍ ପୁରସ୍କାର୍ ଦିଆଯିବା । ହେନ୍ତା ସୁନ୍ଦର୍‌ଗଡ଼୍ ଜିଲ୍ଲାର୍ ବଣେଇଗଡ଼ ବ୍ଲକ୍‌ର କେନ୍ଦ୍ରିକେଲା ପଂଚାୟତ୍‌କେ କାର୍ବନ୍ ନ୍ୟୁଟ୍ରଲ୍ ବିଶେଷ୍ ପଂଚାୟତ୍ ପୁରସ୍କାର୍ ବର୍ଗଥି ୨ ନମ୍ବର୍ ପୁରସ୍କାର୍, ରାଜ୍ୟ ଗ୍ରାମୀଣ୍ ବିକାଶ୍ ଆଉ ପଂଚାୟତ୍‌ରାଜ୍ ସଂସ୍ଥାନ୍‌କେ କ୍ଷମତା ନିର୍ମାଣ୍ ସଂସ୍ଥାନ୍ ପୁରସ୍କାର୍‌ଥି ୨ ନମ୍ବର୍ ପୁରସ୍କାର୍, ଗଞ୍ଜାମ୍ ଜିଲ୍ଲା

କେଲୁଆପଲ୍ଲୀ ପଂଚାୟତ୍‌କେ ଦୀନଦୟାଲ୍ ଉପାଧ୍ୟାୟ ପଂଚାୟତ୍ ଶତତ୍ ବିକାଶ୍ ପୁରସ୍କାର୍ ଶ୍ରେଣୀଥି ସୁସ୍ଥ ପଂଚାୟତ୍ ପୁରସ୍କାର୍ ମିଲ୍‌ବା । ସୁନ୍ଦର୍‌ଗଡ଼୍ ଜିଲ୍ଲାର୍ କୋଇଡ଼ା ବ୍ଲକ୍‌ର କାସିରାକେ ଗ୍ରାମଉର୍ଜା ସ୍ୱରାଜ୍ ବିଶେଷ୍ ପଂଚାୟତ୍ ପୁରସ୍କାର୍ ମିଲ୍‌ବା ।

ସ୍ମାର୍ଟ ଇଣ୍ଡିଆ ହାକାଥନ୍          ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ମାର୍ଟ ଇଣ୍ଡିଆ ହାକାଥନ୍ -୨୦୨୪ ର ଶେଷ୍ ଖେପେ ଯୁଆନ୍ ଉଭାବକମାନ୍‌କର୍ ସହେତେ ଆଏଜ୍ ଆଭାସି ଜରିଏ ଆଲୋଚନା କର୍‌ବେ । ଇ ଖେପେ ୧୩ ଶହ ନୁ ଅଏତ୍‌କା ଛାତ୍ରଛାତ୍ରୀ ଯୋଗ୍ ଦଉଛନ୍ । ପ୍ରତିଯୋଗିତାର୍ ଇ ୭ ନମ୍ବର୍ ସଂସ୍କରଣ୍ ଦେଶର୍ ୫୧ ଟା ନୋଡ଼ାଲ୍ ସେଂଟର୍‌ଥି ୧୭ ଟା ବିଷୟବସ୍ତୁ ଉପ୍‌ରେ ଆୟୋଜନ୍ କରାହେବା ।

ଆର୍‌ବିଆଇର ନୂଆଁ ଗଭର୍ଣ୍ଣର          ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ ରିଜର୍ଭ ବେଙ୍କ୍- ଆର୍‌ବିଆଇର ନୂଆଁ ଗଭର୍ଣ୍ଣର୍ ଭାବେ ରାଜସ୍ୱ ସଚିବ ସଞ୍ଜୟ ମାଲ୍‌ହୋତ୍ରା ଆଏଜ୍ ଦାୟିତ୍ୱ ନେବେ । ତାଙ୍କର୍ କାର୍ଯ୍ୟକାଳ ୩ ବଛର୍‌ତକ୍ ରହେବା । ଇନ ଜନେଇ

ଦିଆଯାଇପାରେ ଯେ, ଶ୍ରୀ ମାଲ୍‌ହୋତ୍ରା ୧୯୯୦ ବେଚ୍ ରାଜସ୍ଥାନ୍ କେଡ଼ରର୍ ଆଇଏଏସ୍ ଅଧିକାରୀ ।

ରତ୍ନଭଣ୍ଡାର୍ ମରାମତି          ଆର୍‌ଏନ୍‌ୟୁ / ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍‌ର ମରାମତି କାମ୍ ଆଏବା ୧୭ ତାରିଖ୍‌ନୁ ମୁଲ୍ ହେବା । ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ହେଇଥିବା ଛତିଶା ନିଯୋଗ୍ ବୈଠକ୍‌ନ ଇ ନିଷ୍ପତି ନିଆଯାଇଛେ । ଦ୍ୱିତୀୟ ଭୋଗ ମଣ୍ଡପ୍ ନୀତି ଉତ୍‌ରୁ ଏଏସ୍‌ଆଇ ରତ୍ନଭଣ୍ଡାର୍‌ର ମରାମତି କାମ୍ କର୍‌ବା ବଲି ଥିର୍ କରାଯାଇଛେ । ମରାମତି ସମିଆଥି ଭକ୍ତମାନେ ବାହାରକାଠ ପାଶୁ ମହାପ୍ରଭୁଙ୍କର୍ ଦର୍ଶନ୍ କରିପାର୍‌ବେ । ହେଲେ ପରବ୍ ଦିନ୍‌ମାନ୍‌କେ ଭକ୍ତମାନ୍‌କର୍ ଭିଡ଼୍‌କେ ନଜର୍‌ଥି ରଖିକରି ମରାମତି କାମ୍‌କେ ଅଟ୍‌କାଯିବା । ଇ ମାସର୍ ୩୧ ତାରିଖ୍ ଦିନ ମରାମତି କାମ୍ ବନ୍ଦ୍ ରହେବା । ୩ ମାସ୍ ଭିତ୍‌ରେ ରତ୍ନଭଣ୍ଡାର୍‌ର ମରାମତି କାମ୍ ପୁରା କର୍‌ବାର୍ ଲାଗି ଏଏସ୍‌ଆଇ ସମୟ ମାଗିଥିବାର୍ ଶ୍ରୀମନ୍ଦିର୍ ମୁଖ୍ୟପ୍ରଶାସକ କହିଛନ୍ ।

ପଡ଼ିଆ ଜମି ପରିଚାଳନା      ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଧାନ୍ ଚାଷ୍ ଉତ୍ରୁ ପଡ଼ିଆ ପଡୁଥିବା ପାଖାପାଖି ୧୬ ଲାଖ୍ ହେକ୍ଟର୍ ଜମିର ସଦ୍ ବେଭାର୍ କରାଯିବା । ଇଥିର୍‌ଲାଗି ରାଜ୍ୟ କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍, ଭାରତୀୟ ଧାନ୍ ଗବେଷଣା ସଂସ୍ଥାନ୍, ଆଇସିଆର୍‌ଆଇଏସ୍‌ଏଟି ଆଉ ଏଏଫସି ଇଣ୍ଡିଆ ଲିମିଟେଡ୍ ବାଗିର୍ ୫ ଟା ସଂସ୍ଥାନ୍ ସଙ୍ଗେ ବୁଝାମଣା ପତ୍ର ସ୍ୱାକ୍ଷର୍ କରିଛେ ।

ବୁଝାମଣା ଅନ୍‌ସାରେ ଧାନ୍ ଫସଲ୍ ଉତ୍ରୁ ମାଟିଥି ଥିବାର୍ ଆଦ୍ରତାକେ ବେଭାର୍ କରିକରି କମ୍ ଅବଧିର୍ ଦାଏଲ୍ ଜାତୀୟ ଶସ୍ୟ ଆଉ ତୈଲବୀଜ ଜାତୀୟ ଶସ୍ୟ କରାଯିବା । ପହେଲା ଖେପେ ଇ ବଛର୍ ୪ ଲାଖ୍ ୫୫ ହଜାର୍ ହେକ୍ଟର୍ ଜମି ନ ଇ ଯୋଜ୍‌ନା କାର୍ଯ୍ୟକାରୀ କରାଯିବାର୍ ଲାଗି ଧାରିଜ୍ ହେଇଛେ । ଇଥି ପାଖାପାଖି ୫ ଲାଖ୍ ଚାଷୀ ଲାଭ୍ ପାଏବେ ।

ମହିଲା ଶିଶୁ ବିକାଶ୍ ବିଭାଗ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟ ମହିଲା ଆଉ ଶିଶୁ ବିକାଶ୍ ବିଭାଗ୍ ଆଉ ୟୁନାଇଟେଡ୍ ନେସନ୍ସ ପପୁଲେସନ୍ ଫଣ୍ଡ୍ ସାହାଜିଥି ଭୁବ୍‌ନେଶ୍ୱର୍ ଠାନେ ଲିଙ୍ଗଭିତିକ ହିଂସା ବିରୋଧ୍ ନ ୧୬ ଦିନିଆ ସଚେତନତା

ଅଭିଯାନ୍ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଛେ । ଇନ ୩୦ ଟା ଜିଲ୍ଲାନୁ ଆସିଥିବାର୍ ପ୍ରତିନିଧି ମାନେ ଇ ବିଷେ ଉପ୍‌ରେ ସଚେତନତା ସୃଷ୍ଟି କର୍‌ବାର୍ ଲାଗି ମାନବ ଶୃଙ୍ଖଲ ତିଆର୍ କର୍‌ବାର୍ ସହେତେ ପଦଯାତ୍ରା କରିଥିଲେ । ଇ ପଦଯାତ୍ରାଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖିଆ କୁନୁଆଁ ଭାବେ ଯୋଗ୍ ଦେଇକରି କହିଛନ୍ ଯେ, ରାଏଜେ ୮୦ ଲାଖ୍ ମହିଲା ସୁଭଦ୍ରା ଯୋଜ୍‌ନାଥି ଆଉ ୭୦ ଲାଖ୍ ନୁ ଅଏତ୍‌କା ମହିଲା ସ୍ୱୟଂସହାୟକ ଗୋଷ୍ଠୀଥି ଜୁଡ଼ି ହେଇଛନ୍ । ସବୁ ପ୍ରକାର୍ ବୃତିଥି ମହିଲା ମାନେ ନିଜର୍ ଦକ୍ଷତା ପ୍ରମାଣ୍ କରିସାରିଛନ୍ । ହେଲେ ସେମାନ୍‌କୁ ସୁରକ୍ଷିତ ପରିବେଶ୍ ଦେବାର୍‌ଟା ସମସ୍ତଙ୍କର୍ ସାମୂହିକ୍ ଦାୟିତ୍ୱ ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ ।

ଏନ୍‌ଡିଆର୍‌ଏଫ୍ - ମକ୍‌ଡିଲ୍          ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍ ଜିଲ୍ଲା ଗାଇସିମା ଦେଉଲ୍‌ବନ୍ଧ ଠାନେ କଟକ୍‌ର ଜାତୀୟ ବିପର୍ଯ୍ୟୟ ମୁକାବିଲା ବାହିନୀ ଏନ୍‌ଡିଆର୍‌ଏଫ୍ ବାଟାଲିୟନ୍ ତର୍‌ଫୁ ପ୍ରାକୃତିକ ବିପର୍ଯ୍ୟୟର୍ ମୁକାବିଲା ଲାଗି ମକ୍‌ଡ୍ରିଲ୍ କରାଯାଇଥିଲା । ଇଥି ସ୍କୁଲ୍ କଲେଜ୍‌ର ଛାତ୍ରଛାତ୍ରୀ, ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକ୍ ଆଉ ତହସିଲ୍‌ର କର୍ମଚାରୀଙ୍କର୍ ସହେତେ

ସାଧାରଣ ଲୋକ୍ ସାମିଲ୍ ହେଇଥିଲେ । ବଢ଼ି ଆର୍ ବାତ୍ୟା ସମିଆଥି ଲୁକ୍‌କୁ ସାହାଜ୍ କର୍‌ବାର୍ ଲାଗି କରାଯାଉଥିବା ଉପେ ଆର୍ ଯୋଜ୍‌ନା ବାବ୍‌ଦେ ଏନ୍‌ଆର୍‌ଏଫ୍ ତର୍‌ଫୁ ପ୍ରଦର୍ଶନ୍ କରାଯାଇଥିଲା ।

ଓଡ଼ିଶା ମାଷ୍ଟର୍ସ ବେଡ଼ମିଂଟନ୍   ଆର୍‌ଏନ୍‌ୟୁ / ସମ୍ବଲପୁର

କଟକ୍‌ର ଜବାହାର୍‌ଲାଲ୍ ନେହେରୁ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ଠାନେ ଗଲାକାଏଲ୍‌ଠାନୁ ଓଡ଼ିଶା ମାଷ୍ଟର୍ସ ଆନ୍ତର୍ଜାତୀୟ ବେଡ଼ମିଂଟନ୍ ଟୁର୍ଣ୍ଣାମେଂଟ୍  ମୁଲ୍ ହେଇଛେ । ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଇଥି ମୁଖିଆ କୁନୁଆଁ ଭାବେ ଯୋଗ୍ ଦେଇଥିଲେ । ଆଏବା ୧୫ ତାରିଖ୍‌ତକ୍ ଚାଲ୍‌ବାର୍‌କେ ଥିବା ଇ ଟୁର୍ଣ୍ଣାମେଂଟ୍‌ଥି ଭାରତ୍, ଜାପାନ୍, ଇଣ୍ଡୋନେସିଆ, ଚୀନ୍, ଡେନ୍‌ମାର୍କ ଆର୍ ବୁଲ୍‌ଗେରିଆ ସହେତେ ୨୯ ଟା ଦେଶ୍ ନୁ ପାଖାପାଖି ୩ ଶହ ଝନ୍ ଖେଲାଲି ସିଙ୍ଗିଲ୍ସ ଆଉ ଡବଲ୍ସ ବିଭାଗ୍‌ଥି ଭାଗ୍ ନେଇଛନ୍ । ଟୁର୍ଣ୍ଣାମେଂଟ୍‌ର ସବୁ ମିଶିକରି ୧ ଲାଖ୍ ଆମେରିକୀୟ ଡଲାର୍ ପୁରସ୍କାର୍ ରାଶି ରଖାଯାଇଛେ ।

ପିଆଇବି ସଚେତନତା କାର୍ଯ୍ୟକ୍ରମ୍        ପି.ଆଇ.ବି.

ଭାରତ୍ ସରକାର୍ଙ୍କର୍ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର୍ ପତ୍ର ସୂଚନା କାର୍ଯ୍ୟାଳୟ ପି.ଆଇ.ବି. ତରଫୁ ଆଇଆଇଟି ଭୁବନେଶ୍ୱର୍ ଠାନେ ବିଶ୍ୱ ଅଡ଼ିଓ ଭିଜୁଆଲ୍ ଆଉ ମନୋରଞ୍ଜନ୍ ସମିଟ୍ (ୱେଭ୍ସ) ଆର୍ କ୍ରିଏଟ୍ ଇନ୍ ଇଣ୍ଡିଆ ଚେଲେଞ୍ଜ୍‌କେ ନେଇକରି ଗୁଟେ ରୋଡ୍ ସୋ କରାଯାଇଥିଲା । ଇଥି ଆଇଆଇଟିର ନିର୍ଦ୍ଦେଶକ ଶ୍ରୀପଦ କର୍ମାଲକର ଯୋଗ୍ ଦେଇଥିଲେ ।

ଗୋଆ-ଗଣମାଧ୍ୟମ୍ ପ୍ରତିନିଧି ଗସ୍ତ ଆର୍ଏନ୍ୟୁ /ସମ୍ବଲପୁର

ଗୋଆ ସୂଚନା ଆଉ ପ୍ରସାରଣ୍ ବିଭାଗ୍‌ର ନିର୍ଦ୍ଦେଶକ୍ ଦୀପକ୍ ବନ୍ଦେର୍‌କର୍‌ଙ୍କର୍ ନେତୃତ୍ୱଥି ପହେଲାକରି ଓଡ଼ିଶା ପରିଦର୍ଶନ୍‌ଥି ଆସିଥିବା ସେନର୍ ଗ୍ରାମାଂଚଲ୍ ଗଣମାଧ୍ୟମ ପ୍ରତିନିଧି ଗଲାକାଏଲ୍ ଉପର୍‌ବେଲା ବିଧାନ୍‌ସଭା ବାଚସ୍ପତି ସୁରମା ପାଢ଼ୀଙ୍କୁ ସୌଜନ୍ୟମୂଲକ୍ ସାକ୍ଷାତ୍ କରିଥିଲେ । ଇତାର୍‌ସହେତେ ଇ ପ୍ରତିନିଧି ଦଲ୍ ବିଧାନ୍‌ସଭା ଗୃହ ପରିଚାଳନା, ପାଠାଗାର୍, ଗବେଷଣା ଆଉ ଅଲ୍‌ଗା ବିଭାଗ୍ ବୁଲି ଦେଖିଥିଲେ ।